## ମୋ ଅନୁଭୂତି

# ଗାଁ ଲୋକେ ନିର୍ଘୁମ ମାଡ଼ ମାରିଥିଲେ



ମିଟୁ ମିଥୁନ

ମୁକ୍ତିଲାଭ ଅପେକ୍ଷାରେ ଥିବା ଚଳଚ୍ଚିତ୍ର ‘ବାଜି ବାଜି ବାବାଜୀ’ର ଶୁଟିଂ ଜଗତ୍‌ସିଂହପୁରର ଡିହସାହିରେ ଚାଲିଥାଏ। ଚଳଚ୍ଚିତ୍ରଟି ଜଣେ ଭଣ୍ଡବାବାଙ୍କ ଉପରେ ପର୍ଯ୍ୟବସିତ ଓ ସେହି ବାବାଙ୍କ ଭୂମିକାରେ ମୁଁ ଅଭିନୟ କରୁଥାଏ। ସିନ୍ ଥିଲା ମୁଁ ବାବା ବେଶରେ ଗାଁ ଦାଣ୍ଡରେ ଦୌଡ଼ିବି। କେତେଜଣ ଅଭିନେତା ଓ ଗାଁ ଲୋକେ ମୋତେ ପିଛା କରିବେ। ଖରାବେଳ, ଖାଲିପାଦରେ ତତଲା ପିଚୁ ରାସ୍ତାରେ ଦୌଡ଼ିବାକୁ ହେବ। ମୋତେ ପିଛା କରି ଧରିବା ପରେ ମାଡ଼ ମାରିବାର ସିନ୍ ରହିଥିଲା। ସଟ୍ ରେଡି ହେଲା, ମୁଁ ଦୌଡ଼ିବା ଆରମ୍ଭ କଲି, ହେଲେ ମୋତେ ପିଛା କରୁଥିବା ଗାଁ ଲୋକଙ୍କ ସଂଖ୍ୟା ଆପେଆପେ ବଢ଼ିବାକୁ ଲାଗିଲା। ଗାଁ ଲୋକେ ସତସତିକା ଭଣ୍ଡବାବାଙ୍କୁ ପାଖରେ ପାଇଯିବା ଭଳି ମୋତେ ଗୋଡାଇଲେ। ଏପରି ହେଲା ଯେ, ଲୋକେ ମୋତେ ଧରି ସତସତିକା ମାଡ଼ ମାରିଲେ। ଗାଁ ଲୋକେ ନଡ଼ିଆ ବାହୁଙ୍ଗା, ଗଛ ଡାଳ, ଝାଡୁରେ ପିଟିଲେ। ଶୁଟିଂ ସେଟ୍‌ର ମେମ୍ବରମାନେ ଏହାକୁ ରୋକିଦେଇଥିଲେ ସତ, ହେଲେ ୧୫ ମିନିଟ ଯାଏ ମୋ ପାଟିରୁ କଥା ବାହାରି ନଥିଲା। ଏହା ହେଉଛି ଓଡ଼ିଆ ଚଳଚ୍ଚିତ୍ର ଜଗତର ମିଥୁନ ଭାବେ ପରିଚିତ ମିଟୁ ମିଥୁନ ମହାପାତ୍ରଙ୍କ ନିଜସ୍ୱ ଅନୁଭୂତିରୁ ପଦେ। ବଲିଉଡର ବରିଷ୍ଠ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କର ସେ ଜଣେ ବଡ ପ୍ରଶଂସକ ହୋଇଥିବା ବେଳେ ମିଥୁନଙ୍କ ଅଭିନୟକୁ ମଧ୍ୟ ବେଶ୍ ସହଜରେ ଦେଖାଇପାରନ୍ତି। ଓଡ଼ିଆ ସିନେ ଜଗତରେ ଦୁଇ ଦଶନ୍ଧି ଧରି ବଳିଷ୍ଠ ଅଭିନୟ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମିଟୁ ମିଥୁନ ଜଣେ ଅଭିନେତା ଓ ପ୍ରଯୋଜକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଚଳଚ୍ଚିତ୍ରରୁ ଆୟ କରୁଥିବା ସମସ୍ତ ଅର୍ଥରାଶି ସେବା କାର୍ଯ୍ୟରେ ଲଗାଉଛନ୍ତି। ବାଜି ବାଜି ବାବାଜୀ ଚଳଚ୍ଚିତ୍ରରୁ ଯେଉଁ ଅର୍ଥ ଆଦାୟ ହେବ ତାହାର ୫୦ପ୍ରତିଶତ ଅର୍ଥ ଭାରତୀୟ ସେନାକୁ ଦିଆଯିବ ଏବଂ ବଳକା ୫୦ ପ୍ରତିଶତ ଅର୍ଥ କ୍ୟାନ୍‌ସର ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦିଆଯିବ ବୋଲି ଘୋଷଣା ସରିଛି। ଏ ନେଇ ମିଟୁ ମିଥୁନ କ୍ୟାନ୍‌ସର ଫାଉଣ୍ଡେସନ ନାମରେ ଏକ ସଙ୍ଗଠନ ମଧ୍ୟ ଆରମ୍ଭ କରିଛନ୍ତି।

୧୯୯୯ରେ ସହର ଜଳୁଛି ଚଳଚ୍ଚିତ୍ର ଜରିଆରେ ସିଲଭର ସ୍କ୍ରିନରେ ପାଦ ଦେଇଥିଲେ ମିଟୁ ମିଥୁନ। ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ସହର ଜଳୁଛି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଥିବାବେଳେ ଏହି ଚଳଚ୍ଚିତ୍ରରେ ବଲିଉଡ ଷ୍ଟାର ମିଥୁନ ଚକ୍ରବର୍ତ୍ତୀ ଅଭିନୟ କରିବେ ବୋଲି ଜଣାପଡ଼ିଲା। ଜଗତ୍‌ସିଂହପୁରରେ ଏକ ବୁକ୍ ଷ୍ଟୋର କରିଥିବା ମିଟୁ ଉକ୍ତ ଚଳଚ୍ଚିତ୍ରରେ କାର୍ଯ୍ୟ କରିବା ପାଇଁ ମନ ବଳାଇଥିଲେ। ସେ ନିଜର ଜଣେ ବନ୍ଧୁଙ୍କୁ ଏ କଥା କହିଥିଲେ। ବନ୍ଧୁ ଜଣକ ଏକ ସିଗାରେଟ ପ୍ୟାକେଟ ଖୋଳରେ କିଛି ଲେଖିଥିଲେ ଓ ଖୋଳଟି ନେଇ ନିର୍ଦ୍ଦେଶକ ସୁଧାଂଶୁ ମୋହନଙ୍କୁ ଦେଖାଇବାକୁ କହିଥିଲେ। ମିଟୁ ଶୁଟିଂ ସେଟକୁ ଯାଇ ସୁଧାଂଶୁଙ୍କୁ ସେହି ଖୋଳଟି ଦେଖାଇବା ପରେ ତାଙ୍କୁ ପାର୍ଶ୍ୱ ଖଳନାୟକ ଭୂମିକାରେ ଉକ୍ତ ଚଳଚ୍ଚିତ୍ରରେ ଅଭିନୟ ସୁଯୋଗ ମିଳିଥିଲା। ଏବେ ସେ ମୁଖ୍ୟ ଖଳନାୟକ ଭାବେ ପରଦାରେ ଆସୁଛନ୍ତି। ଏହା ତାଙ୍କର ଏକ ସଫଳତା ବୋଲି ସେ କୁହନ୍ତି। ଓଡ଼ିଶା ମିଥୁନ ପ୍ରଡକ୍ସନ ବ୍ୟାନରରେ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ଚଳଚ୍ଚିତ୍ରରୁ ଉପାର୍ଜିତ ଅର୍ଥର ୫୦ ପ୍ରତିଶତ କ୍ୟାନ୍‌ସର ରୋଗୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ମଣିଷ ପ୍ରେମ କରିବା ଓ ପ୍ରେମ ବାଣ୍ଟିବା ଶିଖୁ। ଖୁସିରେ ଜୀବନ କାଟିବାକୁ ହେଲେ ସମସ୍ତଙ୍କୁ ଭଲପାଇବା ଜରୁରୀ ବୋଲି ମିଟୁ ମିଥୁନ କହିଛନ୍ତି।

– ରିପୋର୍ଟ: କୁମାରଶ୍ରୀ ସାହୁ

## ମାର୍କେଟ୍‌ରେ ନୂଆ

### ଗୋଦରେଜ୍‌ର ନୂଆ ରେଫ୍ରିଜରେଟର

ଗୋଦରେଜ୍ ଆପ୍ଲାଏନ୍ସ ପକ୍ଷରୁ ୩୨ ନୂଆ ରେଫ୍ରିଜରେଟର ବଜାରକୁ ଆସିଛି। ପ୍ରିମିୟମ ଏନ୍‌ଏକ୍ସଡବ୍ଲ୍ୟୁ ସବ୍‌ବ୍ରାଣ୍ଡ ଅଧୀନରେ ନୂଆ ଏନ୍‌ଏକ୍ସଡବ୍ଲ୍ୟୁ ଗ୍ଲାସ ଡୋର ରେଫ୍ରିଜରେଟର ବଜାରକୁ ଆସିଛି। ଏଥିରେ ରହିଛି ଇଣ୍ଟେଲିଜେଣ୍ଟ ଇନଭର୍ଟର କମ୍ପ୍ରେସର ସହ ଡିଜିଟାଲ ଟଚ୍ କଣ୍ଟ୍ରୋଲ ପ୍ୟାନେଲ୍। ସେହିଭଳି ଟର୍ବୋ ଚିଲ୍ ମୋଡ୍, କ୍ୱିକ ଫ୍ରିଜ ବିକଳ୍ପ, ସ୍ମାର୍ଟ କୋଲାପ୍ସିବୁଲ୍ ୱାଇନ, ରେକ୍ ଓ ଫ୍ଲେକ୍ସି ଫ୍ରିଜ ସୁବିଧା। ସର୍ବଦା ନୂତନ ଉତ୍ପାଦ ଓ ସେବା ଜରିଆରେ ଗ୍ରାହକଙ୍କୁ ଖୁସି କରିବା ଦିଗରେ ଉଦ୍ୟମ ଜାରି ରହିଥିବା କମ୍ପାନୀ ସୂଚନା ଦେଇଛି।



### ଏଚ୍‌ଏମ୍‌ଡି ଗ୍ଲୋବାଲ ନୂଆ ପ୍ରଡକ୍ଟ



ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଭାରତରେ ନୋକିଆ ୩.୧ ପ୍ଲସ ଏବଂ ନୋକିଆ ୮୧୧୦ ବଜାରରେ ପ୍ରବେଶ କରିଛି। ନୋକିଆ ୩.୧ ପ୍ଲସର ମୂଲ୍ୟ ୧୧,୪୯୯ ଟଙ୍କା ରହିଥିବା ବେଳେ ନୋକିଆ ୮୧୧୦ର ବଜାର ଦର ୫,୯୯୯ ଟଙ୍କା ରହିଛି। ନୋକିଆ ୩.୧ ପ୍ଲସ ମଡେଲରେ ୬ ଇଞ୍ଚର ଏଚ୍‌ଡି ଡିସ୍ପଲେ, ୩୫୦୦ ଏମ୍‌ଏଏଚ୍ ବ୍ୟାଟେରୀ, ମେଡିଆଟେକ୍ ହେଲିଓ ପି୯୯ ଅକ୍ଟାକୋର ପ୍ରୋସେସର, ୧୩ ଏମପିର ମେନ କ୍ୟାମେରା ସହ ୫ ଏମ୍‌ପି କ୍ୟାମେରା, ୮ ଏମପି ସାମ୍ନା କ୍ୟାମେରା ରହିଛି। ନୋକିଆ ୮୧୧୦ ମଡେଲରେ ୪ଜି ଫିଚର ସୁବିଧା ରହିଛି। ଏଥିରେ ଭୋଲଟିଂ କଲିଂ, କ୍ୱାଲକମ୍ ୨୦୫ ମୋବାଇଲ୍ ପ୍ଲାଟଫର୍ମ, ୱାଇ-ଫାଇ ସଂଯୋଗ ସୁବିଧା ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

### ନୂଆ ଏର୍ଗୋନୋମିକ୍ ପ୍ୟାକରେ ଜନସନ୍ସ




ପ୍ରମୁଖ କମ୍ପାନୀ ଜନସନ୍ସ ନୂଆ ପିଢିର ଅଭିଭାବକଙ୍କ ନଜରରେ ରଖି ଏହାର ଶିଶୁ ଯତ୍ନ ପ୍ରଡକ୍ଟଗୁଡିକରେ କେତେକ ପରିବର୍ତ୍ତନ ଆଣିଛି। କମ୍ପାନୀ ଏହାର ପ୍ରଡକ୍ଟଗୁଡିକୁ ବର୍ତ୍ତମାନ ଏର୍ଗୋନୋମିକ ପ୍ୟାକ୍‌ରେ ଉପଲବ୍ଧ କରାଉଛି। ପ୍ରଡକ୍ଟଗୁଡିକର ସ୍ୱଚ୍ଛତାକୁ ଧ୍ୟାନରେ ରଖାଯାଇଥିବା ବେଳେ ବୋତଲରେ ସୁଗନ୍ଧ ସମେତ ଅନ୍ୟାନ୍ୟ ଉପାଦାନକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପ୍ରକାଶ କରିଛି।

# ହିଷ୍ଟୋରିକାଲ ଫିଲ୍ମରେ ଅଭିନୟ କରିବାକୁ ଇଚ୍ଛା

୨୦୦୫ରେ 'ଧର୍ମାତ୍ମା' ଧାରାବାହିକ ମାଧ୍ୟମରେ ଅଭିନୟ ଜଗତରେ ପାଦ ଥାପିଥିଲେ ନିକିତା ମିଶ୍ର। ସେତେବେଳକୁ ତାଙ୍କୁ ମାତ୍ର ୫ ବର୍ଷ ହୋଇଥିଲା। ଏହାପରେ ସେ 'ବସୁନ୍ଧରା', 'ଦେବୀ', 'ଶ୍ରୀଜଗନ୍ନାଥ', 'କା', 'ରାଜକନ୍ୟା' ଆଦି ଧାରାବାହିକରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ। ୨୦୦୭ରେ 'ସମୟ ହାତରେ ଡୋରି' ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏଣ୍ଟ୍ରି ମାରିଥିଲେ। ପରେ 'ନେଇ ଯାରେ ମେଘ ମୋତେ', 'ତୁ ଥିଲେ ମୋ ଡର କାହାକୁ', 'ପ୍ରେମ୍ ୱେଡ୍ସ ପ୍ରିୟା', 'ମୁଁ ଆସିକ ମୁଁ ଆୱାରା', 'ଟାର୍ଗେଟ' ଭଳି ସୁପରହିଟ୍ ସିନେମାରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ଚଳିତବର୍ଷ ରିଲିଜ ହୋଇଥିବା 'ଯୋଗୀ' ଚଳଚ୍ଚିତ୍ରରେ ସେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଥିଲେ। କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ୩ କଳା ଦ୍ୱିତୀୟ ବର୍ଷରେ ପଢୁଥିବା ନିକିତାଙ୍କ ସହିତ 'ଧରିତ୍ରୀ'ର ଆଳାପ।



**ଧରିତ୍ରୀ ଆଳାପ**
**ନିକିତା**

**ଅଭିନୟ ଜଗତକୁ କିପରି ଆସିଥିଲେ?**

ଛୋଟ ବେଳେ ଡାକ୍ତର ହେବାକୁ ମୋର ଇଚ୍ଛା ଥିଲା। କିନ୍ତୁ ଡ୍ୟାନ୍ସ ଓ ଡ୍ରାମା ପ୍ରତି ମୋର ଦୁର୍ବଳତା ଥିଲା। ଅନ୍ନପୂର୍ଣ୍ଣା ଥିଏଟରରେ ଡ୍ୟାନ୍ସ ଓ ଡ୍ରାମା କରୁଥିଲି। ସେଠି ସମସ୍ତେ ମୋର ଅଭିନୟ ଦେଖି ପ୍ରଶଂସା କରିଥିଲେ। ପ୍ରଥମେ 'ଧର୍ମାତ୍ମା' ଧାରାବାହିକରେ ଅଭିନୟ ପାଇଁ ଅଡିସନ୍ ଦେଇଥିଲି। ସେଥିରେ ସିଲେକ୍ଟ ହୋଇଥିଲି।

**'ସମୟ ହାତେ ଡୋରି' ସିନେମା ପାଇଁ ଅଫର କେମିତି ପାଇଥିଲେ?**

ଧାରାବାହିକରେ ମୋର ଅଭିନୟ ଦେଖି ଅଫର ଆସିଥିଲା। ଅଡିସନ ଦେବା ପରେ ସଙ୍ଗେ ସଙ୍ଗେ ମୋତେ ଚୟନ କରାଯାଇଥିଲା।

**୨୦୧୩ରୁ ୨୦୧୮ ଅଭିନୟରୁ ବ୍ରେକ୍ ନେଇଥିଲେ କାହିଁକି?**

ହର ପଟ୍ଟନାୟକ, ଏସ୍. କେ. ମୁରଲୀଧରଙ୍କ ସହିତ କାମ କରିଛି। ସେମାନେ ମୋ ବାପାଙ୍କୁ କହିଥିଲେ ଯେ, ନିକିତା ପାଖରେ ଟ୍ୟାଲେଣ୍ଟ ଅଛି। ସିଏ ବଡ଼ ପରଦାରେ ଅଭିନେତ୍ରୀ ଭାବେ କାମ କରିପାରିବ। ଯଦି ୩ରୁ ୪ବର୍ଷ ଗ୍ୟାପ୍ ଦେଇଦେବ ତେବେ ଦର୍ଶକ ତାକୁ ଖୁସିରେ ଗ୍ରହଣ କରିବେ। ତେଣୁ ତାଙ୍କ କଥାରେ ମୁଁ କିଛି ବର୍ଷ ବ୍ରେକ୍ କରିଥିଲି।

**ପୂର୍ବରୁ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ, ପରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିବା ବେଳେ କ'ଣ ଚ୍ୟାଲେଞ୍ଜ ସାମ୍ନା କରିଥିଲେ?**

ଚ୍ୟାଲେଞ୍ଜ ବହୁତ ଥିଲା। ଲୋକଙ୍କ ଚିନ୍ତାଧାରା ରହିଛି ଯେ ଯେଉଁମାନେ ଛୋଟ ବେଳେ ଅଭିନୟ କରୁଛନ୍ତି ସେମାନଙ୍କ ପାଇଁ ମୁଖ୍ୟ ଚରିତ୍ର ବହୁତ ସାଧାରଣ କଥା। କିନ୍ତୁ ଆମେ ଯେତେବେଳେ କ୍ୟାମେରା ସାମ୍ନାରେ ନିଜକୁ ରିପ୍ରେଜେଣ୍ଟ କରୁ ବହୁତ ଫରକ ଥାଏ। ଛୋଟବେଳେ କ୍ୟାମେରାରେ ଯାହା କହି ଦେଉଥିଲୁ ତାହା ଗ୍ରହଣୀୟ ଥିଲା। କିନ୍ତୁ ବର୍ତ୍ତମାନ ନିର୍ଦ୍ଦେଶକଙ୍କ ମାଇଣ୍ଡରେ ଯାହା ରହିଛି ତାହା କ୍ୟାମେରା ସାମ୍ନାରେ ଠିକ୍ ଭାବେ ନ ହେବା ପର୍ଯ୍ୟନ୍ତ ରିଟେକ୍ ହୋଇଥାଏ।

**ବର୍ତ୍ତମାନ ଅନେକ ଶିଶୁ କଳାକାର ନାୟିକା ଚରିତ୍ରରେ ଅଭିନୟ କରୁଛନ୍ତି। ନାୟିକା ହେବା ପାଇଁ ଶିଶୁ କଳାକାର ହେବା ଜରୁରୀ କି?**

ଜମା ନୁହେଁ। ଯଦି ଶିଶୁ କଳାକାର ଭାବେ ଅଭିନୟ କରିଛ ତେବେ ଭଲକଥା। କିନ୍ତୁ ନିଜ ଭିତରେ ଯଦି ଟ୍ୟାଲେଣ୍ଟ ରହିଛି ତେବେ ଯେଉଁ ବୟସ ହେଉଥାଉ ପଛେ ଜଣେ ଅଭିନେତ୍ରୀ ହୋଇପାରିବ। ହଁ, ଯେଉଁମାନେ ଶିଶୁ କଳାକାର ଭାବେ ଅଭିନୟ କରିଥାନ୍ତି ସେମାନେ କ୍ୟାମେରା ସହିତ ଜଡ଼ିତ ହୋଇଥାନ୍ତି ଓ କିଛି ଟେକ୍ନିକାଲ ଜ୍ଞାନ ରଖିଥାନ୍ତି, ଯାହା ତାଙ୍କୁ ସହାୟକ ହୋଇଥାଏ।

**ବର୍ତ୍ତମାନ ଅନେକ ନବାଗତା ଆସୁଛନ୍ତି। ତେଣୁ ପ୍ରତିଦ୍ୱନ୍ଦ୍ୱିତା ବଢୁଛି। ଏ କ୍ଷେତ୍ରରେ ଆପଣ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି?**

ନିଜକୁ ଗ୍ରୁମ୍ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରୁଛି। କାରଣ ଆଜିକା ସମୟରେ ଅନେକ ନବାଗତା ଆସିଛନ୍ତି। ଆଗକୁ ମଧ୍ୟ ବହୁତ ଆସିବେ। ତେଣୁ ଏମିତି କିଛି ୟୁନିକ୍ ଟ୍ୟାଲେଣ୍ଟ ଦେଖେଇବାକୁ ପଡ଼ିବ ଯେମିତି ଏହି ରେସ୍‌ରେ ଆଗରେ ରହିପାରିବା। ସେଥିପାଇଁ ପ୍ରତିଦିନ ନିଜ ଫିଟ୍‌ନେସ୍ ସହିତ ଡ୍ୟାନ୍ସ ଓ ଅଭିନୟକୁ ମୁଁ ଗୁରୁତ୍ୱ ଦେଉଛି। ଆଗକୁ ଘୋଡ଼ା ଚାଳନା ଶିଖିବି।

**ଧାରାବାହିକ ଓ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। କେଉଁଟିର କାମ କଷ୍ଟ ଲାଗେ?**

ଦୁଇଟାଯାକ କଷ୍ଟକର। କିନ୍ତୁ ମୋ ମତରେ ବଡ଼ ପରଦାଠାରୁ ଛୋଟ ପରଦାରେ କାମ କରିବା ବହୁତ କଷ୍ଟ। କାରଣ ଧାରାବାହିକରେ କାମ କଲେ ଅଧିକ ସମୟ ଦେବାକୁ ପଡ଼ିଥାଏ, ଯାହା ପାଠପଢ଼ାରେ ବହୁତ ବ୍ୟାଘାତ ହୋଇଥାଏ। କିନ୍ତୁ ଚଳଚ୍ଚିତ୍ର ପାଇଁ ପ୍ରାୟ ୨ରୁ ୩ ମାସ କାମ କରିବାକୁ ପଡ଼ିଥାଏ।

**ସେଭଳି କିଛି ଡ୍ରିମ୍ ରୋଲ୍ କରିବା ପାଇଁ ଇଚ୍ଛା ଅଛି କି?**

ହଁ। ହିଷ୍ଟୋରିକାଲ ଚଳଚ୍ଚିତ୍ରରେ ଏବଂ ମାନସିକ ଭାରସାମ୍ୟ ହରାଇଥିବା ଚରିତ୍ରରେ ଅଭିନୟ କରିବା ପାଇଁ ଇଚ୍ଛା ରହିଛି। ଏଭଳି ଚରିତ୍ରରେ ଅଭିନୟ କଲେ ନିଜ ଭିତରେ ଥିବା ଟ୍ୟାଲେଣ୍ଟକୁ ଲୋକଲୋଚନକୁ ଆଣିହେବ।

**କେଉଁ ଅଭିନେତାଙ୍କ ସହ କାମ କରିବାର ଇଚ୍ଛା ରଖିଛନ୍ତି?**

ସେମିତି କିଛି ନାହିଁ। ନବାଗତ ହୁଅନ୍ତୁ କି ପୁରୁଣା, ଯାହାଙ୍କ ସହିତ କାମ କରିବା ପାଇଁ ଅଫର ଆସିବ କରିବି। ମୁଁ ଯଦି ତାଙ୍କ ସହିତ କମ୍ଫର୍ଟେବୁଲ ଫିଲ୍ କରୁଥିବି ଓ କାହାଣୀ ହିସାବରେ ସେ ମୋର ଅପୋଜିଟ୍‌ରେ ରହିବା ଦରକାର ଥିବ ତେବେ ତାଙ୍କ ସହିତ ନିଶ୍ଚିତ ଭାବେ କାମ କରିବି।

**ପାଠପଢ଼ା ସହ ଅଭିନୟକୁ କିପରି ମ୍ୟାନେଜ କରୁଛନ୍ତି ?**

ବହୁତ କଷ୍ଟ। ପରୀକ୍ଷା ସମୟରେ ରାସ୍ତାରେ ଗଲା ବେଳେ, ଶୁଟିଂ ସେଟ୍‌ରେ ପଢୁଥିଲି। କିନ୍ତୁ ଆଜିଯାଏ ଦୁଇଟାକୁ ବାଲାନ୍ସ କରିଆସିଛି। ଆଗକୁ କରିପାରିବି ବୋଲି ଆଶା ରହିଛି।

**ଶୁଟିଂ ସେଟ୍‌ର କିଛି ସ୍ମୃତି?**

ଧାରାବାହିକ 'ଧର୍ମାତ୍ମା'ର ପ୍ରଥମ ଦିନର ଶୁଟିଂ ମୋର ସବୁବେଳେ ମନେ ରହିବ। ସେଦିନ ଗୋଟେ ସଟ୍ ପାଇଁ ମୁଁ ରେଡି ହୋଇସାରିଥିଲି। ଆକ୍ସନ କହିବା ପରେ ମୁଁ ଡାଇଲଗ୍ କହିପାରି ନ ଥିଲି ଓ ବହୁତ କାନ୍ଦିଥିଲି। ସେତେବେଳେ ବାପା ମୋତେ କହିଥିଲେ ଯେ, ଯଦି ଏବେ କରିପାରିବୁନି ତେବେ ଭବିଷ୍ୟତରେ ଅଭିନୟ କରିପାରିବୁନି। ତେଣୁ ବାପାଙ୍କ ସେହି କଥା ମୋତେ ପରିବର୍ତ୍ତନ କରିଥିଲା। ତା'ପରେ ସେହି ସଟ୍ ଗୋଟେ ଟେକ୍‌ରେ ନେଇଥିଲି।

**କେଉଁ ଅଭିନେତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି?**

ଓଡ଼ିଆରେ ବର୍ଷା ପ୍ରିୟଦର୍ଶିନୀ ଓ ବଲିଉଡ୍‌ରେ ଶ୍ରୀଦେବୀ।

**ଅପକମିଂ ଫିଲ୍ମ କ'ଣ ରହିଛି?**

ଦୁଇଟି ଫିଲ୍ମ ଫାଇନାଲ ହୋଇଯାଇଛି। କିନ୍ତୁ ତା'ର ନାଁ ଏପର୍ଯ୍ୟନ୍ତ ହୋଇନାହିଁ। ତେବେ ଏହା ଜାନୁୟାରୀ କିମ୍ବା ଭାଲେଣ୍ଟାଇନ୍ ଡେ'ରେ ପରଦାକୁ ଆସିବ।

**ରିଅଲ ଲାଇଫ୍‌ରେ ନିକିତା କେମିତି?**

ମୁଁ ବହୁତ ଫ୍ରେଣ୍ଡଲି। ମେକ୍‌ଅପ୍ ନେବା ପାଇଁ ଆଦୌ ପସନ୍ଦ କରେ ନାହିଁ।

**ଖାଇବାକୁ କ'ଣ ଭଲଲାଗେ?**

ଚିକେନ ତନ୍ଦୁରି ଓ ବିରିୟାନି ଭଲଲାଗେ। ତେବେ ମାମାଙ୍କ ହାତର ଆଳୁ ପରାଠା ବହୁତ ଭଲଲାଗେ।

**ବୟଫ୍ରେଣ୍ଡ ଅଛନ୍ତି?**

ମୁଁ ବର୍ତ୍ତମାନ ସେଥିପ୍ରତି ଧ୍ୟାନ ଦେଇନି। ସାଙ୍ଗ ବହୁତ ଅଛନ୍ତି। କିନ୍ତୁ ବୟଫ୍ରେଣ୍ଡ ନାହାନ୍ତି।

ସାକ୍ଷାତ: ଅସମାପିକା ସାହୁ